# କବି ଗୋ କବି

କବି ଗୋ କବି
ଆଙ୍କିକି ପାରିବ ମୋହରି ଛବି
ଅନ୍ତରେ ଦ୍ରବି, ମନରେ ଲଭି
ପ୍ରାଣ ପ୍ରିୟା ଛବି ଅଛି ତୁମ ମନେ ପାରେନା ଭାବି ।

ପ୍ରିୟା ଗୋ ପ୍ରିୟା
ଥରେ କବି ପାଶେ ହୁଅ ଗୋ ଠିଆ
ପରଶ ଦିଅ,
ମଧୁର କୁହ
ଅଳପ ଅଳପ ହସି କବି ଦେହେ ନିବିଡ଼ ହୁଅ ।

ସଖୀରେ ସଖୀ
କବି ପ୍ରାଣ ପାଇଁ ତୁ ଏକା ସାକ୍ଷୀ
ଅଳପ ହସି
ମଧୁର ଭାଷି
ନିରିମାଖି କବି ପ୍ରାଣେ ଭରିଦିଏ ପୁଲକରାଶି ।

ଆସ ଗୋ ଆସ
ମନରେ ନ ଧର ନିମିଷେ ରୋଷ
ପ୍ରଣୟୀ ହୁଅ
ପୀରତି ଦିଅ
କବିର ଅଧରେ ଅଧର ମିଶାଇ ଚୁମ୍ବନ ନିଅ ।

ପ୍ରିୟା ଗୋ ପ୍ରିୟା
ପ୍ରଣୟିନୀ ଆଖ୍ ଥରଟିଏ ହେଲେ ଦେଖୁ ମୋ ହିଆ
କବିର ପ୍ରାଣ
ନୁହେଁ ପାଷାଣ
ତୋ ଅଂଗ ପରଶ ଥରେ ପାଇଲେ ବା ରହିବ ପ୍ରାଣ ।

ଗୋରୀ ରେ ଗୋରୀ
କେବେ ଯଦି କବି ଯାଏରେ ମରି, ଆସିବୁ ଥିରି
ଚରଣ ଚାଲି
ଅଶ୍ରୁ ନ ଢାଳି
କବି ପ୍ରାଣ ନିଶ୍ଚେ ଶାନ୍ତି ପାଇବ ସରଗପାରି ।